# NATIONAL NEWS BULLETIN (ODIA)

## 5 August - 2025

### Morning Bulletin : 7.15 A.M.

**************************************************

## ମୁଖ୍ୟ ସମ୍ବାଦ

- ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଜି ନୂଆଦିଲ୍ଲୀ ଠାରେ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରିବେ ଫିଲିପାଇନ୍ସ ରାଷ୍ଟ୍ରପତି ।
- ନୂଆଦିଲ୍ଲୀ ଠାରେ ଆଜି ଅନୁଷ୍ଠିତ ହେବ ଏନ୍.ଡି.ଏ. ସଂସଦୀୟ ଦଳର ଗୁରୁତ୍ୱପୂର୍ଣ୍ଣ ବୈଠକ ।
- ନବନିର୍ମିତ କର୍ତ୍ତବ୍ୟ ଭବନକୁ ଆସନ୍ତାକାଲି ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।
- ବିଶ୍ୱର ପଞ୍ଚମ ବୃହତମ ବିମାନ ସେବା ବଜାର ଭାବେ ପରିଗଣିତ ହୋଇଛି ଭାରତ ।

ଏବଂ

- ରୁଷ ସହ ଭାରତର ବାଣିଜ୍ୟିକ ସମ୍ପର୍କ ଜାତୀୟ ସ୍ୱାର୍ଥ ଏବଂ ଆର୍ଥିକ ସୁରକ୍ଷା ଆଧାରିତ କହିଲା ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ।

# ପିଏମ୍-ଫିଲିପାଇନ୍ସ ପ୍ରେସ୍ ଟକ୍

ଫିଲିପାଇନ୍ସ ରାଷ୍ଟ୍ରପତି ଫର୍ଡିନାଣ୍ଡ ଆର୍ ମାର୍କୋସ୍ ଜୁନିୟର୍ ଆଜି ନୂଆଦିଲ୍ଲୀ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ବୈଠକରେ ଯୋଗଦେବେ । ଶ୍ରୀ ମାର୍କୋସ୍ ପାଞ୍ଚ ଦିନିଆ ଭାରତ ଗସ୍ତରେ ଆସି ଗତକାଲି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି, ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବାରେ ଏହି ବୈଠକ ବେଶ୍ ସହାୟକ ହେବ । ବାଣିଜ୍ୟ, ନିବେଶ, ପ୍ରତିରକ୍ଷା ଏବଂ ସୁରକ୍ଷା, ସାମଗ୍ରୀକ ସହଯୋଗ, କୃଷି, ସ୍ୱାସ୍ଥ୍ୟସେବା, ଔଷଧ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ନେଇ ଏହି ପ୍ରତିନିଧି ସ୍ତରୀୟ ବୈଠକରେ ମତ ବିନିମୟ ହେବାର ଆଶା କରାଯାଉଛି । କେତୋଟି ବୁଝାମଣାପତ୍ର ମଧ୍ୟ ସ୍ୱାକ୍ଷରିତ ହୋଇପାରେ । ଉଭୟ ଦେଶ ମଧ୍ୟରେ ଅର୍ଥନୈତିକ ସମ୍ପର୍କ ଦୃଢ଼ ରହିଛି । ୨୦୨୩-୨୪ ଆର୍ଥିକ ବର୍ଷରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୩ ଦଶମିକ୍ ୫ ବିଲିୟନ୍ ଆମେରିକୀୟ ଡଲାର୍‌ରେ ପହଞ୍ଚିଥିଲା ।

# ଏନ୍‌ଡିଏ ମିଟିଂ

ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ଏନ୍.ଡି.ଏ. ସଂସଦୀୟ ଦଳର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ହେବ । ପୂର୍ବାହ୍ନରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ଶାସକ ମେଣ୍ଟର ଲୋକସଭା ଏବଂ ରାଜ୍ୟସଭା ସଦସ୍ୟମାନେ ଉପସ୍ଥିତ ରହିବେ । ବିହାରରେ ସ୍ୱତନ୍ତ୍ର ଭୋଟର

ତାଲିକା ସଂଶୋଧନ ଉପରେ ବିରୋଧୀଙ୍କ ଦାବି ନେଇ ସଦନରେ ସୃଷ୍ଟ ଅଚଳାବସ୍ଥାର ମୁକାବିଲା ପାଇଁ ଏହି ବୈଠକର ଆୟୋଜନ କରାଯାଉଥିବା ଜଣାପଡ଼ିଛି । ବିରୋଧୀ ଦଳ ଗୁଡ଼ିକ ଏହି ସଂଶୋଧନ ପ୍ରକ୍ରିୟା ପ୍ରତ୍ୟାହାର କରିବାକୁ ଦାବି କରୁଛନ୍ତି ।

ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଲୋକସଭାରେ ଗତକାଲି ଜାତୀୟ କ୍ରୀଡ଼ା ପ୍ରଶାସନ ବିଲ୍ ୨୦୨୫ ଏବଂ ଜାତୀୟ ନିଶାନିବାରଣ ସଂଶୋଧନ ବିଲ୍ ୨୦୨୫ ଉପରେ ଆଲୋଚନା ହୋଇପାରି ନାହିଁ । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, ସର୍ବଦଳୀୟ ବୈଠକ ପରେ ଏହି ଦୁଇଟିଯାକ ବିଲ୍ ଉପରେ ଗୃହରେ ଆଲୋଚନା ପାଇଁ ପରିଚାଳନା ପରାମର୍ଶଦାତା କମିଟି ବୈଠକରେ ସମୟ ଧାର୍ଯ୍ୟ କରାଯାଇଛି । ବିରୋଧୀ ସଦସ୍ୟଙ୍କୁ ଗୃହର ସମୟ ନଷ୍ଟ ନ କରିବାକୁ ସେ ଅନୁରୋଧ କରିଛନ୍ତି ।

କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ କହିଛନ୍ତି, ଏହି ଦୁଇଟିଯାକ ବିଲ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଗୃହରେ ଏହା ଉପରେ ଆଲୋଚନା କରିବାକୁ ବିରୋଧୀ ସଦସ୍ୟମାନଙ୍କୁ ସେ ଅନୁରୋଧ କରିଛନ୍ତି । ଲୋକସଭାରେ ଗତକାଲି ଅଧ୍ୟକ୍ଷତା କରୁଥିବା ବିଜେପି ସାଂସଦ ଜଗଦମ୍ବିକା ପାଲ କହିଥିଲେ, ମୌସୁମୀ ଅଧିବେଶନ ଆରମ୍ଭ ହେବା ଦିନଠାରୁ ଏ ପର୍ଯ୍ୟନ୍ତ ଗୃହରେ କୌଣସି ବିଲ୍ ପାରିତ ହୋଇନାହିଁ । ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଅଧିବେଶନର ତୃତୀୟ ସପ୍ତାହ ଆରମ୍ଭ ହୋଇଥିଲେ ମଧ୍ୟ ଗୃହର କାର୍ଯ୍ୟଧାରା ବାଧାପ୍ରାପ୍ତ ହୋଇଛି ବୋଲି ସେ କହିଥିଲେ ।

# ପିଏମ୍-କର୍ତ୍ତବ୍ୟ ଭବନ

ନୂଆଦିଲ୍ଲୀର କର୍ତ୍ତବ୍ୟପଥ ଠାରେ ନିର୍ମିତ କର୍ତ୍ତବ୍ୟ ଭବନକୁ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ଘାଟନ କରିବେ । ଏହି ଅବସରରେ ଏକ ସାଧାରଣ ସଭାକୁ ଶ୍ରୀ ମୋଦୀ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି । କେନ୍ଦ୍ରୀୟ ପ୍ରଶାସନିକ ସେବା ପ୍ରକ୍ରିୟାକୁ ଅଧିକ ସୁଗମ କରିବା ଲକ୍ଷ୍ୟ ନେଇ ଗ୍ରହଣ କରାଯାଉଥିବା ପଦକ୍ଷେପର କର୍ତ୍ତବ୍ୟ ଭବନ ହେଉଛି ଏକ ଅଂଶ । ସାଧାରଣ କେନ୍ଦ୍ରୀୟ ସଚିବାଳୟ ଅଟ୍ଟାଳିକା ମଧ୍ୟରୁ ଏହା ପ୍ରଥମ ହେବ । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଦିଲ୍ଲୀର ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗ ସହ ସମନ୍ୱୟ ରକ୍ଷା କରି ଦକ୍ଷତା, ନବସୃଜନ ଏବଂ ସହଯୋଗକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟରେ କର୍ତ୍ତବ୍ୟ ଭବନ ପ୍ରସ୍ତୁତ କରାଯାଇଛି । ପ୍ରାୟ ଦେଢ଼ ଲକ୍ଷ ବର୍ଗ ମିଟର ଅଞ୍ଚଳରେ ନିର୍ମିତ ଏହି ଅତ୍ୟାଧୁନିକ କାର୍ଯ୍ୟାଳୟରେ ଦୁଇଟି ବେସ୍‌ମେଣ୍ଟ ଏବଂ ୭ଟି ମହଲା ରହିଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଆଧୁନିକ, ଦକ୍ଷ ଏବଂ ନାଗରିକ କୈନ୍ଦ୍ରୀକ ଶାସନ ଦୃଷ୍ଟିକୋଣ ପ୍ରତି ସରକାରଙ୍କ ପ୍ରତିବଦ୍ଧତାର ଏହା ଏକ ପ୍ରତିଫଳନ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ କହିଛି ।

# ଡିଫେନ୍ସ ମିନିଷ୍ଟ୍ରି-ରିପୋର୍ଟ୍

ପହଲଗାମ ଆତଙ୍କବାଦୀ ଆକ୍ରମଣକାରୀଙ୍କ ପରିଚୟ ଏବଂ ଅନ୍ୟାନ୍ୟ ତଥ୍ୟ ନେଇ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୌଣସି ରିପୋର୍ଟ୍ ଜାରି କରାଯାଇ ନାହିଁ । ସାମାଜିକ ଗଣମାଧ୍ୟମରେ ପ୍ରସାରିତ ଏ ସମ୍ପର୍କିତ ରିପୋର୍ଟ ଉପରେ

ପ୍ରତିକ୍ରିୟା ଦେଇ ମନ୍ତ୍ରଣାଳୟ କହିଛି, ସଶସ୍ତ୍ର ବାହିନୀର ଜନସମ୍ପର୍କ କାର୍ଯ୍ୟାଳୟ କିମ୍ବା କୌଣସି ମନୋନୀତ ମୁଖପାତ୍ରଙ୍କ ଦ୍ୱାରା ଏଭଳି ମନ୍ତବ୍ୟ ଜାରି କରାଯାଇ ନାହିଁ । ଗୁଳିବିନିମୟ ପରବର୍ତ୍ତୀ ବାହ୍ୟ ତଥ୍ୟ ଆଧାରରେ ଏଭଳି ରିପୋର୍ଟ ପ୍ରସ୍ତୁତ କରାଯାଇଥିବା ମନ୍ତ୍ରଣାଳୟ ଅନୁମାନ କରିଛି ।

## ଇଣ୍ଡିଆ-ଏଭିଏସନ୍ ମାର୍କେଟ୍

ଭାରତ’ ବିଶ୍ୱର ପଞ୍ଚମ ବୃହତମ ବିମାନ ସେବା ବଜାର ଭାବେ ପରିଗଣିତ ହୋଇଛି । ଆନ୍ତର୍ଜାତିକ ବିମାନ ବନ୍ଦର ପରିବହନ ସଂଘ ଆଇ.ଏ.ଟି.ଏ. ପକ୍ଷରୁ ୨୦୨୪ ବର୍ଷ ପାଇଁ ବିଶ୍ୱ ବିମାନ ପରିବହନ ପରିସଂଖ୍ୟାନ ରିପୋର୍ଟ୍‌ରେ ଏହା ଉଲ୍ଲେଖ କରାଯାଇଛି । ଗତବର୍ଷ ବିମାନ ପରିବହନ କ୍ଷେତ୍ର ମଧ୍ୟରେ ମୁମ୍ବାଇ-ଦିଲ୍ଲୀ ବିଶ୍ୱର ୧୦ଟି ସବୁଠାରୁ ବ୍ୟସ୍ତ ବିମାନ ବନ୍ଦର ଯୋଡ଼ା ମଧ୍ୟରେ ସ୍ଥାନିତ ହୋଇଛି ।

ଗତ ବର୍ଷ ଭାରତରେ ୨୧୧ ନିୟୁତ ଯାତ୍ରୀ ବିମାନ ସେବା ଉପଯୋଗ କରିଥିଲେ । ୨୦୨୩ ବର୍ଷ ତୁଳନାରେ ଏହା ୧୧ ଦଶମିକ୍ ୧ ପ୍ରତିଶତ ଅଧିକ । ଜାପାନଠାରୁ ମଧ୍ୟ ଭାରତରେ ଯାତ୍ରୀ ବିମାନ ପରିବହନ ସେବା ଅଧିକ ରହିଛି ବୋଲି ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି । ଏହି ରିପୋର୍ଟ ଅନୁଯାୟୀ ଏସୀୟ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରର ବିମାନ ବନ୍ଦର ଯୋଡ଼ା ସବୁଠାରୁ ବ୍ୟସ୍ତତମ ଭାବେ ମାନ୍ୟତା ପାଇଛି ।

# ଗିନିଜ୍ ବିଶ୍ୱ ରେକର୍ଡ-ପରୀକ୍ଷା ପେ ଚର୍ଚ୍ଚା

ପରୀକ୍ଷା ପେ ଚର୍ଚ୍ଚା ୨୦୨୫ ଗିନିଜ୍ ବିଶ୍ୱ ରେକର୍ଡରେ ସ୍ଥାନିତ ହୋଇଛି । ଗୋଟିଏ ମାସରେ ସର୍ବାଧିକ ପଞ୍ଜିକରଣ ଆଧାରରେ ଏହି ରେକର୍ଡ଼ ସୃଷ୍ଟି ହୋଇଛି । ଏହି କାର୍ଯ୍ୟକ୍ରମ ପାଇଁ ମାଇ ଗଭ୍ ପ୍ଲାଟ୍‌ଫର୍ମରେ ଅଷ୍ଟମ ସଂସ୍କରଣରେ ୩ କୋଟି ୫୩ ଲକ୍ଷ ବୈଧ ପଞ୍ଜିକରଣ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପରିକଳ୍ପିତ ଏବଂ ନେତୃତ୍ୱାଧୀନ ଏହା ଏକ ଅନନ୍ୟ ପ୍ଲାଟ୍‌ଫର୍ମ । ଏଥିରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ’ ସିଧାସଳଖ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଅଭିଭାବକଙ୍କ ସହ ମତ ବିନିମୟ କରନ୍ତି । ସକାରାତ୍ମକ ଚିନ୍ତାଧାରା ନେଇ ପରୀକ୍ଷା ପ୍ରସ୍ତୁତିରେ ଏହି ପଦକ୍ଷେପ ବିଶେଷ ସହଯୋଗ ପ୍ରଦାନ କରିଥାଏ । ନୂଆଦିଲ୍ଲୀ ଠାରେ ଗତକାଲି ଆୟୋଜିତ ଏକ ସମାରୋହରେ ଆନୁଷ୍ଠାନିକ ଭାବେ ଗିନିଜ୍ ବିଶ୍ୱ ରେକର୍ଡ଼ ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ବୈଦ୍ୟୁତିକ ଏବଂ ଆଇ.ଟି. ରାଷ୍ଟ୍ର ମନ୍ତ୍ରୀ ଜିତିନ ପ୍ରସାଦ ପ୍ରମୁଖ ଏହି ସମାରୋହରେ ଉପସ୍ଥିତ ଥିଲେ । ୨୦୧୮ ମସିହାରୁ ମାଇ ଗଭ୍ ପ୍ଲାଟ୍‌ଫର୍ମ ସହଯୋଗରେ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଆସୁଛି ।

# ଏମ୍‌ଇଏ-ଅଏଲ୍ ଇମ୍ପୋଟସ୍

ୟୁକ୍ରେନ୍ ସଂଘର୍ଷ ପରିପ୍ରେକ୍ଷୀରେ ରୁଷରୁ ତେଲ ଆମଦାନୀ କରିବା ଯୋଗୁଁ ଆମେରିକା ଏବଂ ୟୁରୋପୀୟ ସଂଘ ଦ୍ୱାରା ଭାରତ ଉପରେ ଗ୍ରହଣ

କରାଯାଉଥିବା ପଦକ୍ଷେପ ଯୁକ୍ତିଯୁକ୍ତ ନୁହେଁ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି । ଏକ ବିବୃତ୍ତିରେ ମନ୍ତ୍ରଣାଳୟ କହିଛି, ଜାତୀୟ ସ୍ୱାର୍ଥ ଏବଂ ଆର୍ଥିକ ସୁରକ୍ଷା ଲକ୍ଷ୍ୟ ନେଇ ଭାରତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛି । ବିଶ୍ୱ ଶକ୍ତି ବଜାର ସ୍ଥିରତାକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଆମେରିକା ସେତେବେଳେ ଭାରତ ଦ୍ୱାରା ଏପରି ଆମଦାନୀକୁ ସକ୍ରିୟ ଭାବେ ପ୍ରୋତ୍ସାହିତ କରିଥିଲା । ଭାରତକୁ ସମାଲୋଚନା କରୁଥିବା ରାଷ୍ଟ୍ର ଗୁଡ଼ିକ ଏବେ ମଧ୍ୟ ରୁଷ ସହ ବାଣିଜ୍ୟିକ ସମ୍ପର୍କରେ ରହିଛନ୍ତି ବୋଲି ମନ୍ତ୍ରଣାଳୟ କହିଛି । ଆମେରିକା ତାର ପରମାଣୁ ଶିଳ୍ପ ପାଇଁ ବିଭିନ୍ନ ଦ୍ରବ୍ୟ ରୁଷରୁ ଆମଦାନୀ କରୁଛି ବୋଲି ମନ୍ତ୍ରଣାଳୟ କହିଛି ।

# ପିଏମ୍ଏମ୍ଭିଓ୍ୱାଇ

ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନ ଯୋଜନାରେ ସ୍ୱତନ୍ତ୍ର ପଞ୍ଜିକରଣ କାର୍ଯ୍ୟକ୍ରମକୁ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଏହି ଯୋଜନା ଅଧୀନରେ ଅଙ୍ଗନବାଡ଼ି ଏବଂ ଆଶାଦିଦିମାନେ ଘର ଘର ବୁଲି ଗର୍ଭବତୀ ଏବଂ ପ୍ରସବ ପରବର୍ତ୍ତୀ ମହିଳାମାନଙ୍କର ପଞ୍ଜିକରଣ କରାଇବା ପାଇଁ ଲକ୍ଷ୍ୟ ରଖାଯାଇଛି । ପ୍ରଧାନମନ୍ତ୍ରୀ ମାତୃ ବନ୍ଦନ ଯୋଜନାରେ ମହିଳାଙ୍କ ସ୍ୱାସ୍ଥ୍ୟ ରକ୍ଷା ପାଇଁ ଅର୍ଥ ସହାୟତା ପ୍ରଦାନ କରାଯିବା ସହ କନ୍ୟା ସନ୍ତାନ ପ୍ରତି ସକାରାତ୍ମକ ମନୋଭାବ ସୃଷ୍ଟି ଲକ୍ଷ୍ୟ ନେଇ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏହି ଯୋଜନାରେ ୪ କୋଟି ୫୦ ହଜାର ଯୋଗ୍ୟ ମହିଳାଙ୍କୁ ବ୍ୟାଙ୍କ୍ ଏବଂ ପୋଷ୍ଟ ଅଫିସ୍ ଆକାଉଣ୍ଟ

ମାଧମରେ ୧୯ ହଜାର ୨୮ କୋଟି ଟଙ୍କାର ମାତୃକାଳୀନ ସହାୟତା ପ୍ରଦାନ କରାଯାଇ ସାରିଲାଣି ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି ।

## ନିତି ଆୟୋଗ

ଭାରତରେ ୨୦୦ ବିଲିୟନ୍ ଡଲାର୍ ବୈଦ୍ୟୁତିକ ଯାନବାହନ ଶୀର୍ଷକ ରିପୋର୍ଟ୍ ଗତକାଲି ନିତି ଆୟୋଗଙ୍କ ପକ୍ଷରୁ ପ୍ରକାଶ କରାଯାଇଛି । ଭାରତ ବୈଦ୍ୟୁତିକ ମୋବିଲିଟି ଇନ୍‌ଡେକ୍ସ ଆଇ.ଇ.ଏମ୍.ଆଇ.ର ଏହି ପ୍ରଥମ ସଂସ୍କରଣ ନୂଆଦିଲ୍ଲୀ ଠାରେ ପ୍ରକାଶ ପାଇଛି । ବୈଦ୍ୟୁତିକ ଯାନବାହନ କ୍ଷେତ୍ରରେ ୨୦୦ ବିଲିୟନ୍ ଡଲାର୍ ଲକ୍ଷ୍ୟ ହାସଲ କରିବାରେ ଏହି ରିପୋର୍ଟ୍‌ଟି ପ୍ରୋତ୍ସାହନ ପ୍ରଦାନ କରିବ ବୋଲି ଆଶା କରାଯାଉଛି । ରିପୋର୍ଟରେ ସମ୍ଭାବ୍ୟ ବୈଦ୍ୟୁତିକ ଯାନବାହନ କ୍ଷେତ୍ର ଏବଂ ଭୌଗଳିକ ପରିସ୍ଥିତି ଉପରେ ଧ୍ୟାନ କେନ୍ଦ୍ରୀଭୂତ କରାଯାଇଛି । ବୈଦ୍ୟୁତିକ ବସ୍ ଏବଂ ଟ୍ରକ୍ ପାଇଁ ଆର୍ଥିକ ସହାୟତା ବ୍ୟବସ୍ଥା ଲକ୍ଷ୍ୟ ରଖାଯାଇଥିବା ଜଣାପଡ଼ିଛି । ପରିବହନ କ୍ଷେତ୍ରରେ ବୈଦ୍ୟୁତିକ ଯାନର ବିକାଶ, ଚାର୍ଜିଂ ଭିତ୍ତିଭୂମି ପ୍ରସ୍ତୁତି ଏବଂ ବୈଦ୍ୟୁତିକ ଯାନ ଉତ୍ପାଦ କ୍ଷେତ୍ରରେ ଗବେଷଣା ଓ ନବସୃଜନର ସ୍ଥିତି ନେଇ ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

# ଡୁରାଣ୍ଡ କପ୍

ଡୁରାଣ୍ଡ କପ୍ ୨୦୨୫ ଗ୍ରୁପ୍-ଏଫ୍ ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ରିୟଲ୍ କାଶ୍ମୀର ଏଫ୍.ସି. ୨-୧ ଗୋଲ୍‌ରେ ଟ୍ରାଉ ଏଫ୍.ସି.କୁ ପରାସ୍ତ କରିଛି । ଏମ୍ଫାଲ୍‌ର ଖୁମାନ୍ ଲାମ୍‌ପାକ୍ ମେନ୍ ଷ୍ଟାଡିୟମ୍ ଠାରେ ଏହି ମ୍ୟାଚ୍ ଖେଳାଯାଇଥିଲା । ଗ୍ରୁପ୍-ଏଫ୍ ପର୍ଯ୍ୟାୟ ତାଲିକାରେ ଇଣ୍ଡିଆନ୍ ନାଭି ଶୀର୍ଷ ସ୍ଥାନରେ ଥିବା ବେଳେ ରିୟଲ୍ କାଶ୍ମୀର ଏଫ୍.ସି. ଦ୍ୱିତୀୟ ସ୍ଥାନରେ ରହିଛି । ଟ୍ରାଉ ଏଫ୍.ସି. ଏବଂ ନେରୋକା ଏଫ୍.ସି. ମିଳିତ ଭାବେ ତୃତୀୟ ସ୍ଥାନରେ ରହିଛନ୍ତି । ନେରୋକା ଏଫ୍.ସି. ଏବଂ ଇଣ୍ଡିଆନ୍ ନାଭି ମଧ୍ୟରେ ଆସନ୍ତା ଗୁରୁବାର ଦିନ ମ୍ୟାଚ୍ ଖେଳାଯିବ ।